## ସଂକ୍ଷେପରେ

### ଗୋଟିଏ ଦିନରେ ୨ ଆତ୍ମହତ୍ୟା

ରାଇକିଆ,୫।୧୧ (ପ୍ରଦୀପ ବେହେରା)

ରାଇକିଆ ଥାନା ଇଲାକାରେ ରବିବାର ୨ଜଣ ଆତ୍ମହତ୍ୟା କରିଛନ୍ତି। ମାଣିକେଶ୍ୱର ପଞ୍ଚାୟତ ଗଞ୍ଜୁଗୁଡ଼ା ଗ୍ରାମର ଶ୍ରୀନିବାସ ପ୍ରଧାନ (୪୫) ଘର ଭିତରେ ବେକରେ ଲୁଗା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ନଂ.୭/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସେହିପରି ଗୁମାମାହା ପଞ୍ଚାୟତର ବେଡାଗୁବା ଗ୍ରାମର ଲଡୁ ପ୍ରଧାନ (୫୫) ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଲଡୁଙ୍କ ପୁଅ ବେଙ୍ଗାଲୁରୁରେ ରହୁଥିବା ବେଳେ ସ୍ତ୍ରୀ ମଧ୍ୟ ତାଙ୍କ ପାଖରେ ରହୁ ନ ଥିଲେ। ରବିବାର ସକାଳୁ ପଡୋଶୀ ଘରେ ରହୁଥିବା ତାଙ୍କ ଭାଇ ଦେଖି ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ ସହ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଓକିଲ ସଂଘ ପକ୍ଷରୁ ଧଳାବାଡ଼ି ବଣ୍ଟନ

ଆସିକା,୫।୧୧ (ସୁରେନ୍ଦ୍ରନାଥ ସାହୁ)

ଆସିକା ଓକିଲ ସଂଘ ପକ୍ଷରୁ ଶନିବାର ମଧ୍ୟାହ୍ନରେ ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ୧୦୦ ଜଣ ଦୃଷ୍ଟିବାଧିତଙ୍କୁ ଓକିଲ ସଂଘ ପକ୍ଷରୁ ଧଳାବାଡ଼ି ବଣ୍ଟାଯାଇଛି। ସଂଘ ସଭାପତି ରବୀନ୍ଦ୍ରନାଥ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଜଜ୍ ପ୍ରବୀର କୁମାର ଚୌଧୁରୀ, ବରିଷ୍ଠ ଦେୱାନୀ ବିଚାରପତି ସୌଦାମିନି ବିଶ୍ୱାଳ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମୋନାଲି ବେହେରା, ଶ୍ୱେତା ଦାଶ, ଉତ୍କଳ ଦୃଷ୍ଟିବାଧିତ ସେବା ପରିଷଦର ଉପଦେଷ୍ଟା ପ୍ରମୋଦ କୁମାର ପଣ୍ଡା, ଓକିଲ ସଂଘ ସଂପାଦକ ନାରାୟଣ ମୁନି, ଉପସଭାପତି ଛବିଳରାମ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ସଂଘର ଦୃଷ୍ଟିବାଧିତ ସଦସ୍ୟମାନେ ଯୋଗଦେଇ ଧଳାବାଡି ଗ୍ରହଣ କରିଥିଲେ।

### 'ଆମ ଶିଶୁ ମାନସ' ଉନ୍ମୋଚିତ

ଛତ୍ରପୁର, ୫।୧୧
(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ)

ସ୍ଥାନୀୟ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ତ୍ରୟମାସିକ ଶିଶୁ ପତ୍ରିକା 'ଆମ ଶିଶୁ ମାନସ'ର ଷଷ୍ଠତମ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ସାହିତ୍ୟ ପରିଷଦ ସଭାପତି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ନୀଳକଣ୍ଠ ଉତ୍କଳ ଏକାଡେମୀର ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ସମ୍ପାଦିକା ଶୈଳବାଳା ପାଣିଗ୍ରାହୀ, ଆଦିକନ୍ଦ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟବକ୍ତା ଭାବେ ଭାଗବତ ଭାସ୍କର ଓ ପ୍ରବଚକ ଜଗନ୍ନାଥ ପଣ୍ଡା ଯୋଗଥିଲେ। ପରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର କସ୍ତୁରବା ବାଳିକା ବିଦ୍ୟାଳୟର ଛାତ୍ରୀ ମାନେ ସମ୍ବଲପୁରୀ ଏବଂ ଦାଣ୍ଡିଆ ନୃତ୍ୟ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଅଙ୍କିତ ଆଚାର୍ଯ୍ୟ ଗଣେଶ ତାଣ୍ଡବ କରି ସମସ୍ତଙ୍କ ମନ ମୁଗ୍ଧ କରିଥିଲେ । ଗୀତି କବିତାରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଶାନ୍ତ କୁମାର ଶତପଥିଙ୍କୁ ସମ୍ମାନିତ କରାଯାଇଥିଲା । ସୋମନାଥ ସାହୁ, ଶିଶୁ କବି ନିରଞ୍ଜନ ତ୍ରିପାଠୀ, ବଳରାମ ପଲେଇ , ବାସନ୍ତିଲତା ସ୍ୱାଇଁ, ରୀତା ରଥ, ଶିକ୍ଷାବିତ ନିରଞ୍ଜନ ତ୍ରିପାଠୀ, ପୀତବାସ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭଲ ମଣିଷ ବୈଜ୍ଞାନିକ ହେଲେ ସମାଜର କଲ୍ୟାଣ ହେବ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗର ଜାତୀୟ ସମ୍ମିଳନୀ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବ୍ରହ୍ମପୁର,୫।୧୧ (ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ସମ୍ମିଳନୀ କକ୍ଷଠାରେ ରବିବାର ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଇଜର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଯୋଗଦେଇ ସମାଜର ଉନ୍ନତିରେ ଗବେଷଣାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଜଣେ ଭଲ ମଣିଷ ବୈଜ୍ଞାନିକ ହୋଇପାରିଲେ ମାନବ କଲ୍ୟାଣ ସାଧିତ ହେବ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସତ୍ୟମାନ ଜେନା ଆଧୁନିକ ଓ ପୁରାତନ ସମୟର ଗବେଷଣା ସମ୍ପର୍କରେ ଉଲ୍ଲେଖ କରିଥିଲେ। ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ଼.ଗଙ୍ଗୋଇ ଫାମୋୟୀ ସ୍ୱାଗତ ଭାଷଣ ଦେଇଥିଲେ। ଡ଼.ବିଭୁତି ଭୂଷଣ ପରିଡ଼ା ସଂଯୋଜନା କରିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ବାର୍ଷିକ ପତ୍ରିକା ସହ ଡ଼.ସତ୍ୟମାନ ଜେନା ଓ ଡ଼. ଲକ୍ଷ୍ମୀଧର ରାଉତଙ୍କ ଦ୍ୱାରା ଲିଖିତ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ଼.ରବିନାରାୟଣ ସାହୁ, ପୂର୍ବତନ ପ୍ରଫେସର ବାମାକାନ୍ତ ଗଡ଼ନାୟକଙ୍କ ସମେତ ରାଜ୍ୟ ବାହାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୧୬ଜଣ ବୈଜ୍ଞାନିକ ଯୋଗଦେଇଥିଲେ।

# ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଚିକିଟି,୫।୧୧ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟିଗଡ଼ସ୍ଥିତ ମହାବିଦ୍ୟାଳୟ ପରିସରରେ ଦୀର୍ଘ ଏକ ସପ୍ତାହ ଧରି ଚାଲିଥିବା ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ଅଫିସର୍ ଡା ସୁଜାତା ସାମନ୍ତରାୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସନାତନ ଗୌଡ଼ ଏହି କାର୍ଯ୍ୟକ୍ରମର ଉପାଦେୟତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଅଧ୍ୟକ୍ଷ ଡା. ଭବାନୀ ପ୍ରସାଦ ପଣ୍ଡା ଦୁର୍ନୀତି ରୂପକ ବ୍ୟାଧିକୁ ଦୂର କରି ଏକ ପ୍ରଗତିଶୀଳ ଦେଶ ଗଠନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏନ୍‌ଏସ୍‌ଏସ୍ ଅଫିସର୍ ଲକ୍ଷ୍ମଣ ବେହେରା ଏକ ପିପିଟି ଜରିଆରେ ଭ୍ରଷ୍ଟାଚାର କିପରି ଦେଶର ପରମ ଶତ୍ରୁ ତାହା ବୁଝାଇଥିଲେ। ଶେଷରେ ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଛତ୍ରପୁର ନିର୍ବାଚନମଣ୍ଡଳୀସ୍ତରୀୟ ବନ୍ଧୁମିଳନ



ବନ୍ଧୁମିଳନରେ ଯୋଗଦେଇଥିବା ନେତା ଓ କର୍ମୀ।

ଛତ୍ରପୁର,୫।୧୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଛତ୍ରପୁର ଉପକଣ୍ଠ ତାମ୍ପରା ହ୍ରଦ ନିକଟ ଠାରେ ରବିବାର ଛତ୍ରପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଜେଡି ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ତଥା ରାଜ୍ୟସ୍ତରୀୟ ମତ୍ସ୍ୟଜୀବୀ ନେତା କେ. ଏଲେୟା ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡି, ସିପିଆଇ, ଭାଜପା ନେତାଙ୍କ ସହ ଉକ୍ତ ଦଳ ସମର୍ଥିତ କେତେକ ସରପଞ୍ଚ, ସମିତି ସଭ୍ୟ ଓ ପୂର୍ବତନ ଜନ ପ୍ରତିନିଧିମାନେ ଯୋଗଦେବା ଆଲୋଚନାର ବିଷୟ ହୋଇଛି।

ସୂଚନାଯୋଗ୍ୟ, ଆଗାମୀ ବିଧାନସଭା ନିର୍ବାଚନରେ ଛତ୍ରପୁର ନିର୍ବାଚନ ମଣ୍ଡଳୀରରେ ବିଜୁ ଜନତା ଦଳରୁ ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସଙ୍କୁ ବିଜେଡି ବିଧାୟକ ପ୍ରାର୍ଥି କରିବା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଦଳର ନେତାମାନେ ସମର୍ଥନ ଦେବେ ବୋଲି ଘୋଷଣା କରିଥିଲେ। ପୂର୍ବତନ ସମିତିସଭ୍ୟ ଏନ ଦୁର୍ଯ୍ୟୋଧନ ରେଡ୍ଡୀ ସ୍ୱାଗତ ଭାଷଣ ଦେଇଥିଲେ। ମୁନା ଦାସ କହିଥିଲେ ଯେ ମୁଁ ପୂର୍ବରୁ ୨ ଥର ଟିକେଟ ପାଇଁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲି। ପୁଣି ଅନୁରୋଧ କରିବି। ଏହି ବନ୍ଧୁମିଳନରେ ଲକ୍ଷ୍ମୀପୁର ସମିତି ସଭ୍ୟ ଏନ. ରମେଶ ରେଡ୍ଡୀ, ପୋଡାପଦର ସରପଞ୍ଚ ସୁଜାତା ଦାସ, ଟିକେଲଖଣ୍ଡି ସରପଞ୍ଚ ଭଗବାନ ବେହେରା, ସୁନ୍ଦରପୁର ସରପଞ୍ଚ ଗଗନ ବେହେରା. ପୂର୍ବତନ ସରପଞ୍ଚ ଟି. ନରସିଂହ ରେଡ୍ଡୀ, ଶ୍ରୀରାମ ଚନ୍ଦ୍ର ବେହେରା, ବିସିସିବି ନିର୍ଦ୍ଦେଶକ ତଥା ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ପରିଡା, ପୂର୍ବତନ ବିଜେଡି ବ୍ଲକ ସଭାପତି ସ୍ୱପ୍ନେଶର ନାହାକ, ପୂର୍ବତନ ସମିତି ମଥୁରା ଚରଣ ସୁବୁଦ୍ଧି, ନୀଳାଦ୍ରି ପ୍ରଧାନ, ବଉଳଗାଁ ସମିତି ସଭ୍ୟ ରାମଚନ୍ଦ୍ର ପରିଡା, କାଳୀପଲ୍ଲୀ ସମିତି ସଭ୍ୟ ବିକାଶ ବେହେରା, ବାପି ଦାସ, ସୁଧୀର ପାଢ଼ୀ, ସପନ ନାହାକ ପ୍ରମୁଖ ଯୋଗ ଦେଇଥିଲେ।

# ଷ୍ଟେଶନ ପାଲଟିଛି ଗଞ୍ଜେଇ ଚାଲାଣର ମାଧ୍ୟମ, ୩ ଗିରଫ

ବ୍ରହ୍ମପୁର,୫।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳଷ୍ଟେଶନ ଏବେ ଗଞ୍ଜେଇ ଚାଲାଣର ମାଧ୍ୟମ ପାଲଟିଛି। ମହାରାଷ୍ଟ୍ରର ପୁନେକୁ ଗଞ୍ଜେଇ ଚାଲାଣ କରୁଥିବା ୩ ଯୁବକଙ୍କୁ ବ୍ରହ୍ମପୁର ରେଳ ଷ୍ଟେଶନ ବାହାରୁ ରେଳବାଇ ପୋଲିସ ରବିବାର ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି। ସେମାନଙ୍କ ନିକଟରୁ ପୋଲିସ ୨୫ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଗିରଫମାନେ ହେଲେ ବିହାର ରାଜ୍ୟ ରୋହତସ ଜିଲା ଖରଘର ଥାନା ଅଞ୍ଚଳର ରଞ୍ଜିସ କୁମାର(୧୯), ଗଞ୍ଜାମ ଜିଲା ବ୍ରହ୍ମପୁର ଟାଉନ ଥାନା ଓଆରଟି କଲୋନୀର ସାଗର ପଣ୍ଡା(୨୪) ଓ ରାୟଗଡା ଜିଲା ରାମନଗୁଡା ଥାନା ବଡବାଙ୍ଗି ଗ୍ରାମର ସନ୍ତୋଷ କୁମାର ମଣ୍ଡାଙ୍ଗି(୨୪) । ଦୁଇ ଯୁବକ ଗଜପତି ଜିଲାରୁ ଗଞ୍ଜେଇ ଆଣି ଟ୍ରେନରେ ପୁନେ ଚାଲାଣ କରିବାକୁ ଷ୍ଟେଶନ ବାହାରେ ଅପେକ୍ଷା କରିଥିବା ବେଳେ ରେଳବାଇ ପୋଲିସକୁ ଖବର ମିଳିଥିଲା। ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପଲେଇ ଓ ତାଙ୍କ ଟିମ ଷ୍ଟେଶନ ବାହାରେ ତନାଘନା କରିଥିଲେ। ଏହି ସମୟରେ ଅଭିଯୁକ୍ତ ସାଗର ଓ ସନ୍ତୋଷ ଗଞ୍ଜେଇ ଭର୍ତ୍ତି ବ୍ୟାଗକୁ ଅଭିଯୁକ୍ତ ରଞ୍ଜିସକୁ ହସ୍ତାନ୍ତର କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା । ଯାଞ୍ଚ ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏ ନେଇ ରେଳବାଇ ଥାନାରେ ନଂ.୧୧୪/୨୩ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

ଗୋପାଳପୁର,୫।୧୧ (ନବୀନ ରାଜ ଆଚାରୀ)

ଗୋପାଳପୁର ଏନଏସିରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନଏସି ପକ୍ଷରୁ ପାନ୍ଥନିବାସ ସମ୍ମୁଖରେ ପ୍ରାୟ ଦେଢ ଏକର ପରିମିତ ସ୍ଥାନରେ ଗତ ତିନି ବର୍ଷ ତଳେ ଏକ ସ୍ମାର୍ଟ ପାର୍କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପାଣ୍ଠି ଅଭାବରୁ ଏହାର ସରିପାରୁନାହିଁ। ଏହାର ନିର୍ମାଣ ନିମନ୍ତେ ଏନଏସି ପ୍ରଥମ ପର୍ଯ୍ୟାୟରେ ୭୨ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ ସହ ନିର୍ମାଣ କାମ ଆରମ୍ଭ ହୋଇଥିଲା। ପରେ ବିଡ଼ିଏ ପକ୍ଷରୁ ଅତିରିକ୍ତ ୫୦ ଲକ୍ଷ ଟଙ୍କା ମିଳିଥିବା ବେଳେ ମୁକ୍ତା ଯୋଜନାରେ ମଧ୍ୟ ୩୫ ଲକ୍ଷ ଟଙ୍କା ପାଣ୍ଠି ବରାଦ କରାଯାଇ ନିର୍ମାଣ କାମ ଚାଲୁରହିଛି। କିନ୍ତୁ ପାର୍କ ର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ନିମନ୍ତେ ଅତିରିକ୍ତ ପାଣ୍ଠି ଦରକାର ପଡୁଥିବା ଯୋଗୁଁ ଏହାର ନିର୍ମାଣ କାର୍ଯ୍ୟ ଆଗେଇ ପାରୁନଥିଲା। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପାର୍କ ସ୍ଥଳ ପରିଦର୍ଶନ ସହ ସେଠାରେ ହେଉଥିବା କାମର ଅନୁଧ୍ୟାନ କରିବା ସହ ସରକାରୀସ୍ତରରେ ଅତିରିକ୍ତ ପାଣ୍ଠି ପ୍ରଦାନ କରାଯାଇ ତୁରନ୍ତ ଆସନ୍ତା ୨ ମାସ ମଧ୍ୟରେ ଏହାର ଉଦଘାଟନ କରାଯିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହି ସମୟ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଭି. କୀର୍ତ୍ତି ଭାସନଙ୍କ ସମେତ ଏନଏସି ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

# ସାଲୁଗାଙ୍କୁ ଶୁଭେଚ୍ଛା ଜଣାଇଲେ ସମର୍ଥକ



ଦାରିଙ୍ଗବାଡି,୫।୧୧ (ଅରୁଣ ସାହୁ)

ବିଜେଡିର ଜିଲା ସଭାପତି ଭାବେ ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନଙ୍କୁ ଦାୟିତ୍ୱ ମିଳିବା ପରେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଦଳୀୟ କର୍ମୀ ଓ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇବା ପାଇଁ ତାଙ୍କ ବାସଭବନରେ ଭିଡ଼ ଜମାଇଛନ୍ତି। ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି।

# କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦର ବାର୍ଷିକ ଉତ୍ସବ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କବିସୂର୍ଯ୍ୟନଗର,୫।୧୧ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର କାଳିଞ୍ଜି ସମାଜ ଗୃହରେ କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ପକ୍ଷରୁ କବିତା ପାଠ, ସାହିତ୍ୟ ଆଲୋଚନା ଏବଂ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ, ଶିକ୍ଷାବିତ, ସାଧକ ତଥା ଅନୁଷ୍ଠାନର ସଭାପତି କୈଳାସ ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୃଷି ବିଜ୍ଞାନୀ ବିପ୍ରଚରଣ ମିଶ୍ର, ମୁଖ୍ୟ ବକ୍ତା ଡକ୍ଟରେଟ ଅଭିମନ୍ୟୁ ଓଝା, ସମ୍ମାନିତ ବକ୍ତା ଭାବେ ବୁଗୁଡ଼ା କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ମିଶ୍ର, ସମ୍ମାନିତ ଅତିଥି କୈଳାସ ଚନ୍ଦ୍ର ତ୍ରିପାଠୀ, ସାମାଜିକ କର୍ମୀ ମାହେଶ୍ୱରୀ ଦୋରା, ବିଶ୍ୱ ବ୍ରାହ୍ମଣ ଆଠଗଡ଼ ସମାଜ ସଭାପତି ଜି. ଶମ୍ଭୁଲିଙ୍ଗମ ଆଚାରୀ, ସମ୍ପାଦକ ପଞ୍ଚାନନ ନାୟକ, ବରିଷ୍ଠ ଖବରଦାତା ବିବେକାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ପଞ୍ଚାନନ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ କୈଳାସ ନାଥ ସ୍ୱାଇଁଙ୍କ ଲିଖିତ କବିସୂର୍ଯ୍ୟ ସୃଷ୍ଟି ଓ ଦୃଷ୍ଟି, ଛନ୍ଦବାକ କବି ନନ୍ଦକିଶୋର ପ୍ରଧାନ ଲିଖିତ ହତାଶ ଚାଷୀ ଓ ଓମ୍ ସତ୍ୟସାଇ ବନ୍ଦନା ଏବଂ ବହୁ କବିଙ୍କ ରଚିତ ଆର୍ଯ୍ୟଚିନ୍ତା ପୁସ୍ତକ ଉନ୍ମୋଚିତ ହୋଇଥିଲା। ପଦ୍ମଚରଣ ଦାସ, ଗୁରୁନାଥ ଗୌଡ଼, ସୁବ୍ରତ ସାହୁ, ଯଦୁକୁଳ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ପୁରୁଷ କବାଡି ଟୁର୍ନାମେଣ୍ଟ ଉଦ୍‌ଯାପିତ

ବୁଗୁଡ଼ା,୫।୧୧ (କଳୀଚରଣ ଦାଶ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ପିପୁଲ୍ସ କଲେଜ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ୫୨ତମ ଆନ୍ତମହାବିଦ୍ୟାଳୟ ପୁରୁଷ କବାଡି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ ଟୁର୍ନାମେଣ୍ଟରେ ୨୩ ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲରେ ପିପୁଲ୍ସ କଲେଜ,ବୁଗୁଡ଼ା ଦଳ ୭୪-୨୬ ପଏଣ୍ଟରେ କଳିଙ୍ଗ ମହାବିଦ୍ୟାଳୟ, ଜି.ଉଦୟଗିରି ଦଳକୁ ହରାଇ ଚାମ୍ପିୟନ ହୋଇଥିଲା। ଅମ୍ପାୟର ଭଞ୍ଜ କିଶୋର ଗୌଡ଼ ଏବଂ ରେଫେରି ରବୀନ୍ଦ୍ର ବେହେରା ଓ ଅଂଶୁମାନ ବିଷୋୟୀ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ଦାଶଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ହରିକୃଷ୍ଣ ଅଧ୍ୟକ୍ଷତା କରିଥଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ ଗଣେଶ ଚନ୍ଦ୍ର ସେଠୀ, ସମ୍ମାନନୀୟ ଅତିଥି ଭାବେ ପିପୁଲ୍ସ କଲେଜ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜ ଯୋଗ ଦେଇ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଏବଂ ଉପବିଜେତା ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। କଲେଜ ସ୍ପୋର୍ଟସ ଆସୋସିଏଶନ ଉପସଭାପତି ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଟୁର୍ନାମେଣ୍ଟକୁ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଓ ଏମ୍.ଶ୍ରୀନିବାସ ଦୋରା ପରିଚାଳନା କରିଥିଲେ।

# ଭୋଟର ପଞ୍ଜୀକରଣ ପର୍ଯ୍ୟବେକ୍ଷକଙ୍କ କନ୍ଧମାଳ ଗସ୍ତ


ବିଜୟ କେତନ ଉପାଧ୍ୟାୟ ଆଲୋଚନା କରୁଛନ୍ତି।

ଫୁଲବାଣୀ,୫।୧୧ (ରାକେଶ କୁମାର ରାଉତ)

ଆଗାମୀ ସାଧାରଣ ନିର୍ବାଚନରେ ଅଧିକ ସଂଖ୍ୟାରେ ଯୋଗ୍ୟ ମତଦାତାମାନଙ୍କୁ ଭୋଟଦାନ ପ୍ରକ୍ରିୟାରେ ସାମିଲ କରିବା ଲକ୍ଷ୍ୟ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଭୋଟର ପଞ୍ଜୀକରଣ ପର୍ଯ୍ୟବେକ୍ଷକ ଡଃ. ବିଜୟ କେତନ ଉପାଧ୍ୟାୟ କନ୍ଧମାଳ ଜିଲା ଗସ୍ତରେ ଆସିଛନ୍ତି। ରବିବାର ଫୁଲବାଣୀ ପୌରପାଳିକା, ଫୁଲବାଣୀ ବ୍ଲକ୍ ଓ ଖଜୁରୀପଡ଼ା ବ୍ଲକର କେତେଗୁଡ଼ିଏ ବୁଥ୍ ପରିଦର୍ଶନ କରିଛନ୍ତି। ଫୁଲବାଣୀ ପୌରପାଳିକା ଅନ୍ତର୍ଗତ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପକନା ଗାଁ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୁଟୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଇଡା ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଉନ୍ନୟନ ଉଚ୍ଚ ବିଦ୍ୟାଳୟ, କେରେଡ଼ି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଏବଂ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡୁକୁମ୍ପା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସମ୍ଭାବିତ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ଘରକୁ ଘର ବୁଲି ଛାଡ଼ି ଯାଇଥିବା ସମ୍ଭାବ୍ୟ ବା ଯୋଗ୍ୟ ଭୋଟରମାନଙ୍କୁ ପଞ୍ଜିକରଣ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଯେପରିକି କୌଣସି ଯୋଗ୍ୟ ଭୋଟର ଭୋଟ ଦେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଏହି ପରିଦର୍ଶନ ସମୟରେ ଉପ ଜିଲାପାଳ ଜ୍ୟୋତି ଶଙ୍କର ରାୟ, ଫୁଲବାଣୀ ବିଡିଓ ପ୍ରତୀକ୍ ସାହୁ, ଖଜୁରିପଡ଼ା ବିଡିଓ ଜକ୍‌ଡୁଙ୍ଗ୍‌ଡୁଙ୍ଗ, ପୌର ପରିଷଧ ନିର୍ବାହୀ ଅଧିକାରୀ ଅଜିତ୍ କୁମାର ପଟ୍ଟନାୟକ, ସହକାରୀ ଜିଲାପାଳ ବିବେକାନନ୍ଦ ସାମଲଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

# ଜୋନ୍‌ସ୍ତରୀୟ ପ୍ରଶିକ୍ଷଣ ଶିବିର

ଆସିକା,୫।୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ବ୍ଲକର ବାଲିସିରାସ୍ଥିତ ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଦଳର ଜୋନ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ରାଜ୍ୟ କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ ଚିନ୍ମୟ ସାହୁ ଓ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରୁଣ ଶ୍ରୀଚନ୍ଦନ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟର ବିଜେଡି ସରକାର ପକ୍ଷରୁ ସମାଜର ବିଭିନ୍ନ ବର୍ଗଙ୍କ ପାଇଁ କରାଯାଇଥିବା କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ସାଙ୍ଗକୁ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଯାଏଁ ହେଉଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ଦଳୀୟ କର୍ମୀମାନେ ସଂକଳ୍ପବଦ୍ଧ ହେବା ଲାଗି ଆହ୍ୱାନ କରାଯାଇଥିଲା । ଆସିକା ବ୍ଲକ ଜିଲ୍ଲା ପରିସଦ ୧ ଓ ୨ ଜୋନ ଅନ୍ତର୍ଗତ ୧୫ଟି ପଞ୍ଚାୟତର ବିଭିନ୍ନ ୱାର୍ଡରୁ ୪ ଜଣ ଲେଖାଏ ସକ୍ରୀୟ କର୍ମୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଡ. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲା ପରିସଦ ସଦସ୍ୟା ଅନିମା ପରିଡ଼ା, ତନ୍ମୟୀ ନାହାକ, ଦିଲିପ ପାଣିଗ୍ରାହୀ, ସୂର୍ଯ୍ୟକାନ୍ତ ପରିଡା, ମନୋଜ ଦୋରା, ରାଜେଶ ପଟ୍ଟନାୟକ, ଅଭିମନ୍ୟୁ ନାହାକ, ସନ୍ତୋଷ କୁମାର ବେହେରା, ବିଦ୍ୟାନ୍ତ ଟର୍ଚ୍ଚଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସାମିଲ ଥିଲେ।


କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସକ୍ରୀୟ କର୍ମୀ।

# ବିଜେଡି କର୍ମୀଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୫।୧୧ (ନରସିଂହ ସାହୁ)

ବ୍ରହ୍ମପୁରରେ ଅନୁଷ୍ଠିତ ଗୋପାଳପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ସକ୍ରିୟ କର୍ମୀଙ୍କ ୩ ଦିନିଆ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ୩୭ ପଞ୍ଚାୟତ, ଗୋପାଳପୁର ସହରାଞ୍ଚଳ ଏବଂ ମହାନଗରରେ ଥିବା ୬ ୱାର୍ଡର କର୍ମୀ ଓ ଦଳର ନେତା ଏଥିରେ ଯୋଗ ଦେଇଥିଲେ। ସଂସ୍କୃତି ଭବନ ପରିସରରେ ଆୟୋଜିତ ଶିବିରରେ ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡି, ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ନବୀନ ପଟ୍ଟନାୟକ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନାଗୁଡ଼ିକ ସମ୍ପର୍କରେ କର୍ମୀମାନେ ଘରକୁ ଘର ଯାଇ ସଚେତନ କରାଇବାକୁ ଆହ୍ୱାନ ଦିଆଯାଇଥିଲା। ସୋଫିଆ ଆଲାମ ଓ ଅନ୍ୟମାନେ କର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

ଗୋପାଳପୁର ବିଧାନସଭା କ୍ଷେତ୍ରକୁ ୫ମ ଥର ବିଜେଡି ଯେଭଳି ଦଖଲ କରିବ ସେଥିପାଇଁ ଗୁରୁତ୍ୱ ଦିଆଯାଇଥିଲା। ଗତ ୨୦୦୦ ଏବଂ ୨୦୦୯, ୨୦୧୪ ଓ ୨୦୧୯ରେ ଏହି ଆସନରୁ ବିଜେଡି ପ୍ରାର୍ଥୀଙ୍କ ଜିତାପଟ ହୋଇଥିଲା। ୨୪ ନିର୍ବାଚନରେ ପୁଣି ଦଖଲକୁ ଆଣିବା ପାଇଁ ଏବେଠୁ କସରତ ଆରମ୍ଭ ହୋଇଯାଇଛି। ସୂଚନାଯୋଗ୍ୟ ସେଠାର ବିଧାୟକ ପ୍ରଦୀପ ପାଣିଗ୍ରାହି ବିଜେଡିରୁ ବହିଷ୍କୃତ ହୋଇଛନ୍ତି। ଆଗାମୀ ନିର୍ବାଚନରେ ନୂଆ ଚେହେରା ମଇଦାନକୁ ଓହ୍ଲାଇବାର ସ୍ପଷ୍ଟ ହୋଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗୋପାଳପୁର ସାଙ୍ଗଠନିକ ସହ ଅନ୍ୟ ଦାୟିତ୍ୱ ବିଜେଡି ନ୍ୟସ୍ତ କରିଛି। ଆସନ୍ତା ନିର୍ବାଚନରେ ସେ ଶଙ୍ଖ ଦଳରୁ ପ୍ରାର୍ଥୀ ହେବା ରାଜନୈତିକ ବିଶ୍ଳେଷକ ଅନୁମାନ କରୁଛନ୍ତି। ପଣ୍ଡା ମଧ୍ୟ ପୂରା ଦମରେ କାର୍ଯ୍ୟ କରୁଛନ୍ତି। ଗୋପାଳପୁର ସଂଗଠନକୁ ଅଧିକ ସୁଦୃଢ଼ ଲାଗି ସବୁ ଅଞ୍ଚଳର କର୍ମୀଙ୍କୁ ସଂଗଠିତ କରାଉଛନ୍ତି। ଅନ୍ୟପକ୍ଷରେ ୧୯ ନିର୍ବାଚନରେ ଅତି କମ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ସେଠାରେ ଇତିମଧ୍ୟରେ ଭାଜପା ସଂଗଠନ ମଧ୍ୟ ଦୃଢ଼ ହୋଇଛି। ବହିଷ୍କୃତ ବିଧାୟକଙ୍କ ଗୋଷ୍ଠୀ ପକ୍ଷରୁ ପ୍ରଦୀପ ସେନା ଗଠନ କରାଯାଇଛି। ଆଗାମୀ ନିର୍ବାଚନରେ ବିଜେଡିକୁ ଟକ୍କର ଦେବା ନିମନ୍ତେ ପ୍ରଦୀପ ସେନା ଓ ଭାଜପା ପ୍ରସ୍ତୁତ ହେଉଛି। ତେଣୁ ଶଙ୍ଖ ଦଳ ପକ୍ଷରୁ ଘନ ଘନ କର୍ମୀ ସମ୍ମିଳନୀ କରି ସଂଗଠନକୁ ସକ୍ରିୟ ପାଇଁ ପ୍ରୟାସ ଚାଲିଛି। ବିଜେଡି ଟାର୍ଗେଟରେ ଗୋପାଳପୁର ରହିଛି। ଶଙ୍ଖ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୬ ନଭେମ୍ବର, ୨୦୨୩



## ଦମ୍ପତିଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତ ଗିରଫ

ବେଲଗୁଣ୍ଠା,(କୃଷ୍ଣଚନ୍ଦ୍ର ପଟ୍ଟନାୟକ): ଗତ ସେପ୍ଟେମ୍ବର୍‌ରେ ଗାଙ୍ଗପୁର ଥାନା ଅନ୍ତର୍ଗତ ସାନ ଦୋଢ଼ଙ୍ଗା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦମ୍ପତିଙ୍କୁ ଆକ୍ରମଣ କରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ରାଜେଶ କୁମାର ପରି (୩୦)ଙ୍କୁ ରବିବାର ପୋଲିସ ଗିରଫ କରିଛି। ସାନ ଦୋଢ଼ଙ୍ଗାର ସନ୍ୟାସୀ ବାରିକ(୪୮)ଙ୍କ ଘରେ ପଶି ବେଲଗୁଣ୍ଠା ଥାନା କାଳପଙ୍କାଳର ରାଜେଶ, ଶଙ୍କର ନାଇକ ଏବଂ ଟୋଲା ସାହୁ ଆକ୍ରମଣ କରିଥିଲେ। ବଙ୍କା ଗ୍ରାମର ପ୍ରବୀଣ କୁମାର ସୁଆଁସିଆ (୪୮) ଆସି ରୋକିବାରୁ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପୋଲିସ ନଂ.୬୭୫/୨୩ରେ ମାମଲା ରୁଜୁ କରିଥିଲା।

# ଗୁଣ୍ଡିରିବାଡ଼ି ଛାଡୁନାହାନ୍ତି ହାତୀପଲ

**ଭଞ୍ଜନଗର, ୫।୧୧(ବାବୁଲା ପ୍ରଧାନ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ରେଞ୍ଜରେ ଗତ କିଛି ଦିନ ମଧ୍ୟରେ ହାତୀପଲ ଚାଷୀଙ୍କ ବ୍ୟାପକ ଫସଲ କ୍ଷତି କରୁଛନ୍ତି, ଯାହାକୁ ନେଇ ଚାଷୀମାନେ ଚିନ୍ତିତ ଅଛନ୍ତି। ଗତ ସପ୍ତାହରେ ମୁଜାଗଡ଼ ରେଞ୍ଜ ଗୁଣ୍ଡିରିବାଡ଼ିରେ ହାତୀପଲ ଜଣେ ଚାଷୀଙ୍କୁ ଦଳି ମାରିଦେଇଥିଲେ। ଏହାପରଠାରୁ ସମ୍ପୃକ୍ତ ଗ୍ରାମରେ ଆତଙ୍କ ଲାଗିରହିଛି। ତେଣୁ ଅଧିକାଂଶ ଚାଷୀ ହାତୀ ଭୟରେ ଆଉ ଧାନ ଫସଲ ଜଗିବାକୁ ଜମିକୁ ଯାଉନାହାନ୍ତି। ହାତୀ ଦୈନନ୍ଦିନ ସନ୍ଧ୍ୟା ହେଲେ ଜଙ୍ଗଲରୁ ବାହାରି ଗୁଣ୍ଡିରିବାଡ଼ି ସମେତ ସମ୍ପୃକ୍ତ ଅଞ୍ଚଳର ଆଖପାଖ ଗ୍ରାମଗୁଡିକରେ ବ୍ୟାପକ ଧାନ ଫସଲ କ୍ଷତି କରୁଛନ୍ତି। ଶନିବାର ସନ୍ଧ୍ୟାରେ ହାତୀପଲ ପୁଣି ଗୁଣ୍ଡିରିବାଡ଼ି ଗ୍ରାମରେ ପହଞ୍ଚି ତୀର୍ଥ ପ୍ରଧାନଙ୍କ ୧୦ ଭରଣ ଜମିର ଧାନ ଫସଲକୁ ଖାଇ ନଷ୍ଟ କରି ଦେଇଥିଲେ। ବନ ବିଭାଗ କର୍ମଚାରୀ ଏବଂ ଚାଷୀମାନେ ମିଶି ହାତୀକୁ ଘଉଡ଼ାଇବର ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ହାତୀପଲ ଫସଲ ସମ୍ପୂର୍ଣ୍ଣ ନଷ୍ଟ କରିବା ପରେ ଜଙ୍ଗଲକୁ ଯାଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବି ହୋଇଛି। ଏଥିସହ ଅନ୍ୟାନ୍ୟ ରେଞ୍ଜରେ ମଧ୍ୟ ହାତୀ ଉପଦ୍ରବ ବୃଦ୍ଧି ଯୋଗୁଁ ଫସଲ କ୍ଷତି ବଢୁଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

# ବଢ଼ିଚାଲିଛି ପିଆଜ ଦର

**ପାରଳାଖେମୁଣ୍ଡି, ୫।୧୧ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲାରେ କନ୍ଦାଉଛି ପିଆଜ, ଲଗାତାର ବଢି ଚାଲିଛି ଦର। ଗତ କିଛି ଦିନ ତଳେ ପିଆଜ କିଲୋ ୨୦ ଟଙ୍କାରେ ମିଳୁଥିବା ବେଳେ ଏବେ ୮୦ ଟଙ୍କାରେ ପହଁଚିଲାଣି। ନାସିକରେ ପିଆଜ ମହଙ୍ଗା କାରଣରୁ ଓ ଏହାର ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳୁଛି। ଏବେ ସବୁ ପରିବା ଦର ଉପରମୁହାଁ ଥିବା ବେଳେ ହଠାତ ସେଥିରେ ପିଆଜ ବି ସାମିଲ ହୋଇଯିବାରୁ ଗ୍ରାହକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ରାଜ୍ୟର ବିଭିନ୍ନ ଜିଲାରେ ପିଆଜ ଦର ଏହିପରି ଉଚ୍ଚା ରହିଛି। ଗତ ୧୫ ଦିନତଳେ ସ୍ୱାଭାବିକ ଭାବେ ଖୋଲା



ବଜାରରେ ପିଆଜ କିଲୋପ୍ରତି ମାତ୍ର ୨୦ ଟଙ୍କା ରହିଥିଲା। ଏବେ ସହରାଞ୍ଚଳରେ ପିଆଜ କିଲୋପ୍ରତି ୮୦ ରୁ ୯୦ ଟଙ୍କାରେ ପହଁଚିଛି। ସେହିଭଳି ଗ୍ରାମାଞ୍ଚଳରେ ମଧ୍ୟ ପିଆଜ କିଲୋ ପ୍ରତି ୭୦ ରୁ ୮୦ ଟଙ୍କା ରହିଛି। ଦର ଖସାଇବାକୁ ରାଜ୍ୟ ସରକାର କେବେ ନେବେ ପଦକ୍ଷେପ ନେବେ

### କଳା ବ୍ୟବସାୟୀ ମାଲାମାଲ

ସେ ନେଇ ପ୍ରଶ୍ନ ସାଧାରଣ ଖାଉଟିଙ୍କ ମଧ୍ୟରେ ଉଙ୍କିମାରିଛି। ଅପରପକ୍ଷରେ ଗଜପତି ଜିଲାରେ କେତେକ କଳା ବ୍ୟବସାୟୀ ପିଆଜ ଗଚ୍ଛିତ ରଖି ଚଢା ଦରରେ ବିକ୍ରି କରୁଥିବା ଅଭିଯୋଗ ଆସୁଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି ଯେ, ଅଭିଯୋଗ ଆସିଛି ଏବଂ ସମସ୍ତ ହୋଲସେଲ ଗୋଦାମ ଗୁଡିକ ଉପରେ ଚଢ଼ାଉ କରାଯିବ।

# ଏସ୍‌ଇବିସି ମାନ୍ୟତା ପରେ ବସନ୍ତିଆ କୁଳ ସମାଜ ପକ୍ଷରୁ କୃତଜ୍ଞତା



ବୈଠକରେ ଉପସ୍ଥିତ ବସନ୍ତିଆ କୁଳ ସମାଜର ସଦସ୍ୟ।

**ଛତ୍ରପୁର,୫।୧୧ (ଦିଲୀପ ସାମଲ)**

ଓଡିଶା ସରକାର ବସନ୍ତିଆ କୁଳ ସମାଜକୁ ଏସ୍‌ଇବିସି ମାନ୍ୟତା ପ୍ରଦାନ କରିଥିବାରୁ ଦକ୍ଷିଣ ଓଡିଶା ବସନ୍ତିଆ କୁଳ ସମାଜ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଛତ୍ରପୁର ବ୍ଲକ ସୁନ୍ଦରପୁର କାଲୁଆ ମନ୍ଦିର ଠାରେ ଦକ୍ଷିଣ ଓଡିଶା ବସନ୍ତିଆ କୁଳ ସମାଜ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷ ଧରି ବସନ୍ତିଆ କୁଳ ସମାଜକୁ ସରକାରଙ୍କ ପକ୍ଷରୁ କୌଣସି ମାନ୍ୟତା ମିଳିନଥିବା ନେଇ କୁଳ ସମାଜ ପକ୍ଷରୁ ସରକାରଙ୍କୁ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ଶେଷରେ ସରକାର ବସନ୍ତିଆ କୁଳ ସମାଜକୁ ଏସଇବିସିର ମାନ୍ୟତା ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଦକ୍ଷିଣ ଓଡିଶା ବସନ୍ତିଆ କୁଳ ସମାଜର ସଭାପତି ରାଜେନ୍ଦ୍ର କୁମାର ବିଷୋୟୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କରାପଲ୍ଲୀ ତାଲୁକା ସଭାପତି ତାରିଣୀ ବିଷୋୟୀ, ସହ ସମ୍ପାଦକ ମାଗୁଣୀ ବିଷୋୟୀ, ଦୁର୍ଯ୍ୟୋଧନ ନାହାକ, ଭଗବାନ ନାହାକ, ଅଶୋକ ପ୍ରଧାନ, ଶିଶିର ନାହାକ, ସୋମନାଥ ନାହାକ, ପ୍ରକାଶ ଚନ୍ଦ୍ର ନାହାକ, କେଦାରନାଥ ନାହାକ, ରାମ ନାହାକ, ସୋମବାରିଆ ନାହାକ, ସୋମନାଥ ନାହାକ, ସୁରେନ୍ଦ୍ର ନାହାକଙ୍କ ସମେତ ବହୁ ସଂଖ୍ୟକ ବସନ୍ତିଆ କୁଳ ସମାଜର ସଦସ୍ୟମାନେ ଉପସ୍ଥିତ ରହି ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଓବିସି ମାନ୍ୟତା ପ୍ରଦାନ କରିବା ପାଇଁ କୁଳ ସମାଜ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ବୁଗୁଡ଼ାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ବୁଗୁଡା,୫।୧୧(କାଳି ଚରଣ ଦାଶ)**

ବୁଗୁଡା ଏନ୍‌ଏସି ଅନ୍ତର୍ଗତ ସିମାଞ୍ଚଳ ମାର୍ଗଠାରେ ସାମାଜିକକର୍ମୀ ସ୍ୱର୍ଗତ ମନୋଜ କୁମାର ଚୌଧୁରୀଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୫୦ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଭଞ୍ଜନଗର ବ୍ଲଡ ବ୍ୟାଙ୍କର ଏକ ଟିମ୍ ଉକ୍ତ ଶିବିରରେ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

# ଭୋଟର ସଚେତନତା ରଥ ଶୁଭାରମ୍ଭ

**ଛତ୍ରପୁର/ପାରଳାଖେମୁଣ୍ଡି, ୫।୧୧ (ଦିଲୀପ ସାମଲ/ଗିରିଧାରୀ ପରିଚ୍ଛା)**

ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ଅକ୍ଟୋବର ୨୭ରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିନିମନ୍ତେ ଡିସେମ୍ବର ୯ ତାରିଖକୁ ଶେଷ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଛତ୍ରପୁର ଉପଖଣ୍ଡ ଅଧିନ ୫ଟି ନିର୍ବାଚନ ମଣ୍ଡଳୀର ଭୋଟରଙ୍କୁ ସଚେତନ କରିବା ପାଇଁ ଏକ ରଥର ଶୁଭାରମ୍ଭ ହୋଇଛି। ରବିବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସବୁଜ ପତକା ଦେଖାଇ ଏହି ରଥକୁ ଶୁଭାରମ୍ଭ କରିଛନ୍ତି । ଏହି ରଥ ଉପଖଣ୍ଡରେ ସମସ୍ତ ବ୍ଲକ ଓ ଏନଏସିକୁ ବୁଲି ଭୋଟରମାନଙ୍କୁ ସଚେତନ କରିବ। ଭୋଟର ସଚେତନତା ରଥ ଶୁଭାରମ୍ଭ ସମୟରେ ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡା ଓ ପୁଷ୍ପାଞ୍ଜଳି କୃଷିକା, ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମାଙ୍କ ସମେତ ବହୁ ବିଏଲଓ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ତ୍ରୁଟିଶୁନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ୟ ରଖିଛନ୍ତି। ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ, ତ୍ରୁଟି ସଂଶୋଧନ ଓ ନାମ ବାଦ ଦେବାକୁ ଆବେଦନକାରୀ ଉଭୟ ଅନଲାଇନ ଓ ଅଫଲାଇନରେ ଆବେଦନ କରି ପାରିବେ। ନଭେମ୍ବର ୫, ୧୧,୧୯ ଓ ୨୫ ତାରିଖରେ ସ୍ୱତନ୍ତ୍ର ଅଭିଯାନ ଦିବସ ଧାର୍ଯ୍ୟ କରାଯାଇଛି। ଏହି ଦିନ ମାନଙ୍କରେ ବୁଥସ୍ତରୀୟ ଅଧିକାରୀ (ବିଏଲଓ) ନିକଟସ୍ଥ ମତଦାନ କେନ୍ଦ୍ରରେ ରହି ଆବେଦନ ଫର୍ମ ଗ୍ରହଣ କରିବେ।

ସେହିପରି ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଅତିରିକ୍ତ ନିର୍ବାଚନ ଅଧିକାରୀ ରାଜେନ୍ଦ୍ର ମିଞ୍ଜ ଭୋଟର ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲା ପରିକ୍ରମା କରି ଜନସାଧାରଣଙ୍କ ନିକଟରେ ସଚେତନତାର ବାର୍ତ୍ତା ପହଞ୍ଚାଇବ।



ଛତ୍ରପୁରରେ ଭୋଟର ସଚେତନତା ରଥକୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ପୋଲସରା,୫।୧୧(ସୁବ୍ରତ ବେହେରା)**

ପୋଲସରା ଥାନା ମଥୁରା ଗ୍ରାମର ହରି ରାଉତ (୪୮)ଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ରବିବାର ଜବତ କରିଛି। ଉକ୍ତ ଗ୍ରାମର ଦଳେଇ ସାହିର ସ୍ୱର୍ଗତ ଦୂର୍ଯ୍ୟ ରାଉତଙ୍କ ପୁତ୍ର ହରି ଗତ ମାସ ୪ ତାରିଖ ସକାଳ ଘରୁ କେଉଁ ଆଡେ ଚାଲି ଯାଇଥିଲେ। ତାଙ୍କ ପୁଅ ମେଘନାଦ ରାଉତ ଏନେଇ ପୋଲସରା ଥାନାରେ ଅଭିଯୋଗ କରିଥିଲେ। ମଥୁରା ଗ୍ରାମ ହାତିବାଡି ଆମ୍ବ ତୋଟାରେ କେହି ଜଣେ ଗଛରେ ଝୁଲୁଥିବା ରବିବାର ସକାଳୁ ଗାଁ ଲୋକେ ଦେଖିଥିଲେ। ପରିବାରକୁ ଖବର ଦେବା ପରେ ପରିବାର ଲୋକ ଚିହ୍ନଟ କରିଥିଲେ। ପୋଲସରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ସ୍ଥାନାନ୍ତର କରିଛି। ଏ ନେଇ ନଂ.୧୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ସିପିଆଇର ୫୩ତମ ସମ୍ମିଳନୀ, ନୂତନ କର୍ମକର୍ତ୍ତା ଚୟନ

**ରମ୍ଭା,୫।୧୧(ବନବାସୀ ସେଠୀ)**

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ରମ୍ଭା ଶାଖାର ୫୩ ତମ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ବରିଷ୍ଠ ସାଥି ପୂର୍ଣ୍ଣଚନ୍ଦ୍ର ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟି କାର୍ଯ୍ୟାଳୟ ସମ୍ମୁଖରେ ରାଘବ ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ଠାକୁରାଣୀ ମନ୍ଦିର ପରିସରରେ ପାର୍ଟିର ସମ୍ମିଳନୀ ସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସିପିଆଇ ଗଞ୍ଜାମ ଜିଲା ଶାଖାର ସମ୍ପାଦକ ପ୍ରକାଶ ପାତ୍ର, ସହ ସମ୍ପାଦକ ପ୍ରଦୀପ ସେଠୀ, ନାରୀନେତ୍ରୀ ଭାନୁମତୀ ରେଡ୍ଡୀ, କ୍ଷେତ୍ରବାସୀ ନାୟକ, ନାରାୟଣ ନାୟକ, ବି. ଦଣ୍ଡପାଣି ପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ଏଥିସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସମ୍ପାଦକ ଭାବେ କ୍ଷେତ୍ରମୋହନ ବେହେରା, ସହସମ୍ପାଦକ ଭାବେ ଜେ. ଲୋକନାଥ ପାତ୍ର, ରଜନୀକାନ୍ତ ବେହେରା ଦ୍ୱୟ ରହିଥିବା ବେଳେ କାର୍ଯ୍ୟକାରୀ କମିଟି ପାଇଁ ୧୩ ଜଣ ଯଥା– ସଦାନନ୍ଦ ନାୟକ, ସୁକାନ୍ତ କୁମାର ନାୟକ, ବି. ବିଶ୍ୱନାଥ ପାତ୍ର, ଧନେଶ୍ୱର ବେହେରା, ପ୍ରଦୀପ ଭୁକ୍ତା, ଜେ. ଭାସ୍କର ପାତ୍ର, ନିରାକାର ବେହେରା, ସହିତ ନୂତନ କର୍ମକର୍ତ୍ତା ଚୟନର ଅଧିଷ୍ଠିତ ବ୍ୟକ୍ତିମାନେ ସାମିଲ ହୋଇଛନ୍ତି। ଗଣ ସଂଗଠନ ଦାୟିତ୍ୱରେ କୃଷକ ସଭା ପାଇଁ ଭାରତୀୟ କୃଷକ ମଜଦୁର ଯୋଜନା, ଯୁବକ ସଂଘ ପକ୍ଷରୁ ସାଥି ଜ୍ୟୋତିକୃଷ୍ଣ ସେଠୀ, ସାଥି ପି. ଶ୍ରୀକାନ୍ତ ପାତ୍ର, ଛାତ୍ର ସଂଘ ପକ୍ଷରୁ ସାଥି ଜେ. ବିଜୟ ପାତ୍ର, ସାଥି ଧନୁର୍ଦ୍ଧର ବେହେରା ଶ୍ରମିକ ସଂଘ, ମହିଳା ସଂଘ ପକ୍ଷରୁ ସାଥି ସୁକାନ୍ତ ନାୟକଙ୍କୁ ଚୟନ କରାଯାଇଛି।

## ୯୧ଏକର ଜମିର ଗଞ୍ଜେଇ ଚାଷ ନଷ୍ଟ

**ମୋହନା,୫।୧୧(ମନ୍ମଥ ମିଶ୍ର)**

ମୋହନା ବ୍ଲକର ସଦର ଥାନା ଅଞ୍ଚଳରେ ଶନିବାର ଗଜପତି ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ୍ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯୧ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ ସ୍ଥାନୀୟ ପୋଲିସ, ଅବକାରୀ ବିଭାଗ ସହ ରାଜସ୍ୱ ବିଭାଗ ମିଳିତ ଭାବେ ଚଢ଼ାଉ କରି ନଷ୍ଟ କରିଛନ୍ତି। ମୋହନା ଥାନା କେସ ନଂ.୭୫/୩/୪.୧୧.୨୦୨୩ ପ୍ରକାରେ ତଦନ୍ତ କରୁଥିବା ଜଣାଯାଇଛି। ବେଆଇନ ଗଞ୍ଜେଇ ଚାଷ କରୁଥିବା ଜାଣି ଅଞ୍ଚଳର ଚାରି ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହାକୁ ମୋହନା ଥାନା ଅଧିକାରୀ ବସନ୍ତ କୁମାର ସେଠୀ ତଦନ୍ତ କରୁଥିବା ସୂଚନା ମିଳିଛି।

## ସମିତି ସଭ୍ୟାସଭ୍ୟ ସଂଘର ଜିଲାସ୍ତରୀୟ ବୈଠକ

**ଫିରିଙ୍ଗିଆ,୫।୧୧(ବିକ୍ରମ ଦିଗାଲ)**

ଫିରିଙ୍ଗିଆ ବିଜୁ କଲ୍ୟାଣ ମଣ୍ଡପରେ କନ୍ଧମାଳ ଜିଲା ସ୍ତରୀୟ ସମିତି ସଭ୍ୟାସଭ୍ୟ ସଂଘର ବୈଠକ ଅନୁଷ୍ଠିତ ହୋଇଛି। କନ୍ଧମାଳ ଜିଲାର ୧୨ ବ୍ଲକରୁ ସମିତି ସଭ୍ୟାସଭ୍ୟ ବୈଠକରେ ଯୋଗଦେଇଥିଲେ। ଫିରିଙ୍ଗିଆ ସଭାପତି ପଞ୍ଚାନନ ଦିଗାଲଙ୍କ ନେତୃତ୍ୱରେ ବୈଠକ ଆୟୋଜିତ ହେଇଥିଲା। ମୁଖ୍ୟ ଅତିଥି ଭାବେ ବୈଦନାଥ ବେହେରା, ସମ୍ମାନିତ ଅତିଥି ଫିରିଙ୍ଗିଆ ଅଧକ୍ଷା ନମିତା କହଁର, ଉପସଭାପତି ଜୁନେସ ଦିଗାଲ, ଜିଲା କାର୍ଯ୍ୟକାରିଣୀ କମିଟି ଧବଳେଶ୍ୱର ପାତ୍ର, ଜିଲା କାର୍ଯ୍ୟକାରିଣୀ କମିଟି ଜାନକୀ କହଁର, ଉପଦେଷ୍ଟା ପିନିକ କହଁର, ଶ୍ରୀନିୱାସ ମଲ୍ଲିକ, ଜିଲା ସମ୍ପାଦକ ଫିରିଙ୍ଗିଆ ବ୍ଲକ ଭାଇସ ଚେୟାର୍ ମ୍ୟାନ ଅଜିତ କୁମାର ସାହୁ, ଉପ ସଭାପତି ମୌସୁମୀ ପ୍ରଧାନ। ଏଥିରେ ୮ ଦାବି ବିଷୟରେ ଆଲୋଚନା କରାଯାଇଥିଲା।

# ଦାରିଙ୍ଗବାଡ଼ିରେ ବିଦ୍ୟୁତ୍ ବିଭ୍ରାଟ, ଡିବିରି, ଲଣ୍ଠନ ଭରସା

**ଦାରିଙ୍ଗବାଡି, ୫।୧୧ (ଅରୁଣ ସାହୁ)**

- ଭୁଲିଯାଇଥିବା ଲଣ୍ଠନକୁ ପୁଣି ବ୍ୟବହାର ଆରମ୍ଭ, ଜନ ଅସନ୍ତୋଷ
- ମୋବାଇଲସେବା ଠପ

ଓଡ଼ିଶାର କଶ୍ମୀର ତଥା ପର୍ଯ୍ୟଟନ କ୍ଷେତ୍ରରେ ଦୈନିକ ବିଦ୍ୟୁତ ବିଭ୍ରାଟ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଇଛି। ଶନିବାର ସାରା ଜିଲାରେ ବିଦ୍ୟୁତ ମରାମତି ପାଇଁ ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟୁତ ସେବା ବନ୍ଦ କରିଦିଆଯାଇଥିଲା। କିନ୍ତୁ ସନ୍ଧ୍ୟା ୬ଟାରେ ବିଦ୍ୟୁତ ଅଚଳ ହୋଇ ରବିବାର ସକାଳ ସୁଦ୍ଧା ବିଦ୍ୟୁତ ଯୋଗାଣ ବନ୍ଦ ରହିଥିଲା ଫଳରେ ଅଞ୍ଚଳବାସୀ ହଇରାଣ ଭୋଗିବା ସହ ଦୀର୍ଘ ଦି'ଦଶନ୍ଧି ଧରି ଯେଉଁ ଲଣ୍ଠନ, ଡିବିରିକୁ ଭୁଲିଯାଇଥିଲେ ପୁଣି ତାହାକୁ ବ୍ୟବହାର କରି ରାତି କଟାଇଥିବା ଜଣାପଡିଛି। ବିଦ୍ୟୁତ ବିଭ୍ରାଟ ଯୋଗୁ ଶନିବାର ବହୁ ଦୋକାନ, ହୋଟେଲ ଗୁଡ଼ିକ ଶୀଘ୍ର ବନ୍ଦ କରିଦେବାରୁ ଗ୍ରାହକମାନେ ହଟହଟା ଭୋଗିଛନ୍ତି। ଏଥିସହ ଉଭୟ ବିଏସ୍ଏନ୍ଏଲ ଓ ୪ଜି ସେବା ମଧ୍ୟ ଠପ ହୋଇଯିବାର ଲୋକେ ହଇରାଇ ହୋଇଥିଲେ। ଦାରିଙ୍ଗବାଡ଼ି ବ୍ଲକର ପ୍ରାୟ ୧୭ ପଞ୍ଚାୟତ ସମେତ ପଡ଼ୋଶୀ ବ୍ଲକ ବାଲିଗୁଡ଼ାର ରତୁଙ୍ଗିଆ, କୋଟଗଡ଼ ବ୍ଲକର ପକାରୀ ଆଦି ଅଞ୍ଚଳର ହଜାର ହଜାର ଲୋକ ଏଥିପାଇଁ ପ୍ରଭାବିତ ହୋଇଛନ୍ତି। ଅଞ୍ଚଳରେ ପ୍ରାୟ ଦିନରେ ବିଦ୍ୟୁତ୍ ବିଭ୍ରାଟ ହେଉଥିବାରୁ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଆମେ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ଶିବ ପ୍ରସାଦ ନାୟକଙ୍କୁ ପଚାରିବାରୁ ଦୁର୍ବୃତ୍ତମାନେ ଗଛ କାଟି ବିଦ୍ୟୁତ ତାର ଉପରେ ପକାଇ ଦେଉଛନ୍ତି, ଫଳରେ ଅନେକ ସମୟରେ ବିଭାଗ ହଇରାଣ ହେବା ସହ ଗ୍ରାହକମାନେ ମଧ୍ୟ ହଇରାଣ ଭୋଗୁଛନ୍ତି। ଏନେଇ ବିଦ୍ୟୁତ ବିଭାଗ ପକ୍ଷରୁ ଏକାଧିକ ଥର ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା କନିଷ୍ଠ ଯନ୍ତ୍ରୀ କହିଛନ୍ତି।

## ଦୌଡ଼ରେ ବ୍ରୋଞ୍ଜ, ଲଙ୍ଗଜମ୍ପ୍‌ରେ ରୌପ୍ୟ ଜିତିଲେ ସୁବ୍ରତ

**ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

**ଗଞ୍ଜାମ,୫।୧୧(ବିଦ୍ୟାଧର ସାହୁ)**

ବ୍ରହ୍ମପୁର ଡ଼ିଏଭି ସ୍କୁଲରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଗଞ୍ଜାମର ସୁବ୍ରତ କୁମାର ପାଢ଼ୀ ୧୦୦ ମିଟର ଦୌଡ଼ରେ ବ୍ରୋଞ୍ଜ ଏବଂ ଲଙ୍ଗଜମ୍ପରେ (୪.୨୦ମିଟର) ରୌପ୍ୟ ପଦକ ହାସଲ କରିଛନ୍ତି। ୧୪ରୁ ୧୭ବର୍ଷ ବାଳକ ବିଭାଗରେ ସେ ଏହି ସଫଳତା ହାସଲ କରିଛନ୍ତି। ଆଇଆରଇ ଏଇସିଏସରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସୁବ୍ରତ ହେଉଛନ୍ତି ଗଞ୍ଜାମ ଏନଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀଙ୍କ ପୁଅ। ପୂର୍ବରୁ ସେ ଅଲ ଇଣ୍ଡିଆ ଏଥଲେଟିକ ଚମ୍ପିୟନସିପରେ ଭାଗ ନେଇ ରୌପ୍ୟ ପଦକ ହାସଲ କରିଥିଲେ।



## ସ୍କୁଲ ନିକଟରୁ ମଦ ଦୋକାନ ନ ହଟିଲେ ଆନ୍ଦୋଳନ

**ଗଞ୍ଜାମ,୫।୧୧(ବିଦ୍ୟାଧର ସାହୁ)**

ଗଞ୍ଜାମ ବ୍ଲକ ତଥା ରମ୍ଭା ଥାନା ହୁମ୍ମା ଜାତୀୟ ରାଜପଥ ପାର୍ଶ୍ୱରେ ବୀରଭଦ୍ର ହାଇସ୍କୁଲ ଓ ତାହାଠୁ କିଛି ଦୂରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରହିଛି। ଉଭୟ ଶିକ୍ଷାନୁଷ୍ଠାନଠାରୁ ମାତ୍ର କିଛି ଦୂରରେ ଏକ ମଦଦୋକାନ ରହିଛି। ସେଠାରେ ଦିନ ତମାମ ମଦୁଆଙ୍କ ଭିଡ଼ ଲାଗୁଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରତ୍ୟହ ବିଦ୍ୟାଳୟକୁ ଯିବା ଆସିବା କରୁଥିବା ଛାତ୍ରୀଛାତ୍ରଙ୍କ ମାନସିକତାକୁ ପ୍ରଭାବିତ କରୁଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ଶିକ୍ଷାନୁଷ୍ଠାନ ନିକଟରେ ମଦ ଦୋକାନ ପାଇଁ କିପରି ଅନୁମତି ଦେଲେ ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ମଦ ଦୋକାନ ଏଠାରୁ ହଟାଇବାକୁ ଦାବି ହେଉଛି। ନଚେତ ଆନ୍ଦୋଳନ ହେବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ଖଲ୍ଲିକୋଟ,୫।୧୧(ପ୍ରଶାନ୍ତ କୁମାର ମିଶ୍ର)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାନଘାଟି ଡାଲଖାଇ ମନ୍ଦିର ପ୍ରାଙ୍ଗଣରେ ଖଲ୍ଲିକୋଟ ବ୍ଲକ କଂଗ୍ରେସ ତରଫରୁ ଜୋନ ୧୩ର ସାଙ୍ଗଠନିକ ବୈଠକ ଖଲ୍ଲିକୋଟ ବ୍ଲକ କଂଗ୍ରେସ ସଭାପତି ମେଘନାଦ ଦଳାଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କଂଗ୍ରେସ ଉପ ସଭାପତି ବିଜୟ କୁମାର ସାହୁ, ପିସିସି ସଭ୍ୟ ବିଶ୍ୱଜିତ ତରାଇ, ଆଶାୟୀ ପ୍ରାର୍ଥୀ ଦୀନବନ୍ଧୁ ଅଧିକାରୀ, ଆଶିଷ କୁମାର ଆଚାର୍ଯ୍ୟ, ରମେଶ କୁମାର ଜାଲି, ପ୍ରଭାତ ସାମନ୍ତରା, ମନମଦନ ସାହୁ, ଲମ୍ବୋଦର ବେହେରା, ଲଛମନ ପାତ୍ର, ସଞ୍ଜୟ ପାହନ, ନାରଣ ବେହେରା, ଭାଗ୍ୟ ନାହାକ, ହର୍ଷ ଦଳାଇ, ଦିଲୀପ ନାୟକ, ପ୍ରଫୁଲ୍ଲ ଜେନା, ଭୋବନି ନାୟକ, ସନ୍ତୋଷ କୋଚିଆରି, ରଞ୍ଜନ ପାତ୍ର, ନଟବର ପ୍ରଧାନ, ଗୋବିନ୍ଦ ସାହୁ, ରାଜୁ ବେହେରା, ସନ୍ତୋଷ ପଳାଇ, ସୋମନାଥ ପାତ୍ର, ଶରତ ନାୟକ, ଟୁକୁନା ନାୟକ, ଜଗବନ୍ଧୁ ନାୟକଓ ପୁରୁଷୋତ୍ତମପୁର ବ୍ଲକ କଂଗ୍ରେସ ସଭାପତି ପ୍ରଦୀପ ମହାରଣା, ନଗର କଂଗ୍ରେସ ସଭାପତି ମନୋରଞ୍ଜନ ଦାସ, ସୁନୀଲ ମହାରଣା, ସୁଶାନ୍ତ ଗୌଡ଼ଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ପ୍ରତି ଜୋନରେ ସାଙ୍ଗଠନିକ ବୈଠକ କରାଯିବା ସହ ପ୍ରତି ପଞ୍ଚାୟତରେ ବୁଥ୍ କମିଟି ଗଠନ କରାଯାଇ ବ୍ଲକରେ ହେଉଥିବା ଦୁର୍ନୀତି ବିରୁଦ୍ଧରେ ସ୍ୱର ଶାଣିତ କରାଯିବ। ରାଜ୍ୟ ଏବଂ କେନ୍ଦ୍ର ସରକାର ତରଫରୁ ଆସୁଥିବା ଅନୁଦାନର ବାଟମାରଣା ରୋକିବା ପାଇଁ ଦୃଢ଼ ପଦକ୍ଷେପ ସ୍ୱରୂପ ଆନ୍ଦୋଳନାତ୍ମକ ପନ୍ଥା ନିଆଯିବା ଉପରେ ସଭାପତି ଉପସ୍ଥିତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ।

## ବିଧାୟକଙ୍କ ହସ୍ତକ୍ଷେପ ପରେ ମେଡିକାଲରୁ ମୃତଦେହ ଆସିଲା

**ଗୋପାଳପୁର,୫।୧୧ (ନବୀନ ରାଜ ଆଚାରୀ)**

ଗଞ୍ଜାମ ଜିଲା ଅଧିନସ୍ଥ ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଗ୍ରାମର ନାରାୟଣ ସାହୁ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ପରିବାର ଲୋକ ତାଙ୍କ ପାର୍ଥିବ ଶରୀରକୁ ଆଣିବାକୁ ଆର୍ଥିକ ଅସାମର୍ଥ ଥିଲେ । ଏ ନେଇ ସେମାନେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସାହାଯ୍ୟ ମାଗିଥିଲେ। ବିଧାୟକ ମୃତ ନାରାୟଣଙ୍କ ମର ଶରୀର ଗ୍ରାମକୁ ଫେରିବା ନିମନ୍ତେ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଇଥିଲେ। ଶନିବାର ବିଳମ୍ବିତ ରାତିରେ ପରିବାର ଲେକେ ନାରାୟଣଙ୍କ ମୃତଦେହ ଘରକୁ ଆଣିଥିଲେ। ବିଧାୟକଙ୍କ ସମେତ ସ୍ଥାନୀୟ ବିଜେଡି ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁପାଇଁ ସମବେଦନା ଜଣାଇଥିଲେ ।

## ଡିସେମ୍ବର ୨୩ରୁ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ୍

**ବ୍ରହ୍ମପୁର,୫। ୧୧(ତନୁଶ୍ରୀ ନାହାକ)**

ଆସନ୍ତା ଡିସେମ୍ବର ୨୩ ଓ ୨୪ ତାରିଖରେ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନସିପ ଅନୁଷ୍ଠିତ ହେବ। ଏ ନେଇ ହିଲପାଟଣା ଟାଇକୋଣ୍ଡୋ ଆସୋସିଏଶନ ଠାରେ ରବିବାର ସଭାପତି ସତ୍ୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଚାମ୍ପିୟନସିପରେ ୫୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓଡ଼ିଶାର ବିଭିନ୍ନ ଜିଲାରୁ ଅଂଶ ଗ୍ରହଣ କରିବେ। ଏହି ଅବସରରେ ଟାବ ଫେଷ୍ଟର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, କଳାହାଣ୍ଡିର କୋଚ ରାଜେଶ ମହାପାତ୍ର, ଯାଜପୁର କୋଚ ଶିବରାଜ ରାଉତ, କୋରାପୁଟ କୋଚ ରଂଜିତ କୁମାର ଶବରଙ୍କ ସମେତ ଟାବର ସଦସ୍ୟମାନେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଭାପତି, କର୍ମକର୍ତ୍ତା।

# ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଆୟୋଜିତ

**ପାରଳାଖେମୁଣ୍ଡି, ୫।୧୧ (ଗିରିଧାରୀ ପରିଚ୍ଛା)**

ପାରଳାଖେମୁଣ୍ଡିସ୍ଥିତ ଟାଉନ ହଲ ଠାରେ ଜିଲାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ମିରାକଲ ଡେନ୍ସ ଷ୍ଟୁଡ଼ିଓ ପକ୍ଷରୁ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ଏହି ଦୁଇ ଦିନିଆ ମେଗା ନୃତ୍ୟ ପ୍ରତିଯୋଗିତାକୁ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ ଏବଂ ସଙ୍ଗୀତ ନିର୍ଦ୍ଦେଶକ ପଣ୍ଡିତ ରଘୁନାଥ ପାତ୍ର ଓ ଏକାଡେମୀ ପୁରସ୍କାରପ୍ରାପ୍ତ ଯୁବ ମଞ୍ଚ କଳାକାର ଆଦର୍ଶ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ମିରାକଲ ଡେନ୍ସ ଷ୍ଟୁଡିଓର ନିର୍ଦ୍ଦେଶକ ଶୁଭେନ୍ଦୁ ମୋହନ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପାରଳାଖେମୁଣ୍ଡି ସହିତ କଳା, ସାହିତ୍ୟ ଓ ସଂସ୍କୃତିର ସାମଞ୍ଜସ୍ୟର ବିଭିନ୍ନ ଦିଗ ଉପରେ କହି ଉପାନ୍ତ ଅଞ୍ଚଳରେ ଏଭଳି ଉଦ୍ୟମ ପ୍ରତି ମିରାକାଲ ଡେନ୍ସ ଷ୍ଟୁଡ଼ିଓର ନିର୍ଦ୍ଦେଶକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ବିଚାରକ ଭାବେ ରାଉରକେଲାର ବିଜୟ କୁମାର ସାମଲ, ଭୁବନେଶ୍ୱରର ପ୍ରୀତିଲତା ରାଓ ଏବଂ ବ୍ରହ୍ମପୁରର ଆପାନା ମହାରଣା ପ୍ରମୁଖ ନୃତ୍ୟ ବିଶାରଦମାନେ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ମିରାକଲ ଡେନ୍ସ ଷ୍ଟୁଡିଓ'ର ବରିଷ୍ଠ ସଦସ୍ୟ ଅବିର ଭୂଷଣ ପଣ୍ଡା, ପ୍ରଶାନ୍ତ ପଟ୍ଟନାୟକ ଏବଂ ବିଷ୍ଣୁପ୍ରିୟା ଜେନା ପ୍ରମୁଖ ସହଯୋଗ କରିଥିଲେ। ଯୋଗ୍ୟ ବିବେଚିତ ନୃତ୍ୟ ଶିଳ୍ପୀ ଓ ନୃତ୍ୟ ଦଳମାନଙ୍କୁ ଆସନ୍ତା ୨୮ ତାରିଖ ମିରାକଲ ନାଇଟରେ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।




ନୃତ୍ୟ ପ୍ରଦର୍ଶନ କରାଯାଉଛି।

